# NATIONAL NEWS BULLETIN (ODIA)

**17 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଞ୍ଚରାଷ୍ଟ୍ରୀୟ ଗସ୍ତର ତୃତୀୟ ପର୍ଯ୍ୟାୟରେ ଆଜି ସ୍ୱିଡେନର ଗୋଥେନବର୍ଗରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ।

- ସ୍ୱିଡିସ ପ୍ରତିପକ୍ଷଙ୍କ ସହ କରିବେ ଦ୍ୱିପାକ୍ଷିକ ଆଲୋଚନା ।

- ହର୍ମୁଜ ପ୍ରଣାଳୀରେ ଭାରତୀୟ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କଲା ଭାରତ ।

- ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଆଜିଠାରୁ ୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଗୃହତାଲିକା ଏବଂ ଗଣନାର କ୍ଷେତ୍ରିୟ କାର୍ଯ୍ୟ ହେଲା ଆରମ୍ଭ ।

- ଉଚ୍ଚ ରକ୍ତଚାପର କାରଣ ଏବଂ ଏହାର ସମସ୍ୟା ଉପରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଭାବପ୍ରବଣତା ଚାପ ଦିବସ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଖେଳାଯିବ ୨ଟି ମ୍ୟାଚ୍ ।

# ଡେ ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ସ୍ୱେଡେନ ଗସ୍ତରେ ଯାଇ ଆଜି ଗୋଥେନବର୍ଗରେ ପହଞ୍ଚିବେ । ଶ୍ରୀ ମୋଦୀଙ୍କ ପଞ୍ଚରାଷ୍ଟ୍ରୀୟ ଗସ୍ତର ଏହା ହେଉଛି ତୃତୀୟ ପର୍ଯ୍ୟାୟ । ସେଠାରେ ଶ୍ରୀ ମୋଦୀ ତାଙ୍କର ସ୍ୱିଡିସ ପ୍ରତିପକ୍ଷ ଉଲ୍‌ଫ କ୍ରିଷ୍ଟରସନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ବାଣିଜ୍ୟ, କୃତ୍ରିମ ବୁଦ୍ଧିମତା, ଆଧୁନିକ ପ୍ରଯୁକ୍ତିବିଦ୍ୟା, ଷ୍ଟାଟ୍‌ଅପ୍, ନିରନ୍ତର ଯୋଗାଣ ଶୃଙ୍ଖଳ, ମହାକାଶ, ଜଳବାୟୁ ପରିବର୍ତ୍ତନ ଏବଂ ଲୋକସମ୍ପର୍କ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହେବ । ୟୁରୋପୀୟ ସଂଘ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେଏନ୍‌ଙ୍କ ସହ ଉଭୟ ନେତା ୟୁରୋପୀୟ ଶିଳ୍ପ ଗୋଲଟେବୁଲ ବୈଠକକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଭାରତ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ ଶ୍ରୀ ମୋଦୀଙ୍କର ଏହା ପ୍ରଥମ ୟୁରୋପ ଗସ୍ତ । ଗତବର୍ଷ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ରେକର୍ଡ ପରିମାଣ ୭ ଦଶମିକ ୭/୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିଲା । ୨୦୦୦ରୁ ୨୦୨୫ ମଧ୍ୟରେ ଭାରତରେ ସ୍ୱିଡିସ ନିବେଶ ୨ ଦଶମିକ ୮ ବିଲିୟନ ଡଲାରରୁ ଅଧିକ ଥିବା ଜଣାପଡିଛି । ଗତ ୨୦୧୮ ମସିହା ଶ୍ରୀ ମୋଦୀଙ୍କ ଗସ୍ତ ଅବସରରେ ଉଭୟ ଦେଶ ମଧ୍ୟରେ ସହଭାଗିତା ଅଧିକ ସୁଦୃଢ଼ ହେବା ସହ ନିରନ୍ତର ଭବିଷ୍ୟତ ପାଇଁ ମିଳିତ ନବସୃଜନ କ୍ଷେତ୍ର ଉପରେ ସହମତି ପ୍ରକାଶ ପାଇଥିଲା ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଗତକାଲି ହେଗଠାରେ ନେଦରଲ୍ୟାଣ୍ଡ୍‌ସର ପ୍ରଧାନମନ୍ତ୍ରୀ ରବ୍ ଜେଟେନଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ କେତେକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଶ୍ରୀ ମୋଦୀ କହିଛନ୍ତି...

**V/O**

# ୟୁଏନ୍-ଇଣ୍ଡିଆ ହର୍ମୁଜ ଆଟାକ

ହର୍ମୁଜ ପ୍ରଣାଳୀରେ ଭାରତୀୟ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିବା ସହ ଏହା ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛି । ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପାର୍ବଥନେନି ହରିଶ କହିଛନ୍ତି ଜାହାଜର କ୍ରୁ ସଦସ୍ୟ ଏବଂ ନୌଚାଳନା ସ୍ୱାଧୀନତାରେ ପ୍ରତିବନ୍ଧକ ସୃଷ୍ଟିକରିବା ଉଚିତ୍ ନୁହେଁ । ବିଶ୍ୱଶକ୍ତି ଏବଂ ଯୋଗାଣ ଶୃଙ୍ଖଳକୁ ସୁରକ୍ଷା ପ୍ରଦାନ ସମ୍ପର୍କିତ ମିଳିତ ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ ପରିଷଦର ଏକ ସ୍ୱତନ୍ତ୍ର ବୈଠକରେ ଶ୍ରୀ ହରିଶ ଏହା କହିଛନ୍ତି । ଓମାନ ଉପକୂଳରେ ଭାରତ ପତାକାଯୁକ୍ତ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ହେବା ପରେ ଶ୍ରୀ ହରିଶ ଏହି ମନ୍ତବ୍ୟ ଦେଇଛନ୍ତି । ସୋମାଲିଆରୁ ଆସୁଥିବା ଏହି ଜାହାଜର ୧୪ଜଣ କ୍ରୁ ସଦସ୍ୟଙ୍କୁ ଓମାନ କର୍ତ୍ତୃପକ୍ଷ ଉଦ୍ଧାର

କରିଛନ୍ତି । ପଶ୍ଚିମ ଏସିଆରେ ବର୍ଦ୍ଧିତ ଉତ୍ତେଜନା ଏବଂ ହର୍ମୁଜ ପ୍ରଣାଳୀରେ ସୁରକ୍ଷିତ ଯାତାୟତକୁ ନେଇ ବୃଦ୍ଧି ପାଉଥିବା ଚିନ୍ତା ପରିପ୍ରେକ୍ଷୀରେ ଗତ ୧୩ ତାରିଖରେ ଭାରତ ଅଭିମୁଖେ ଆସୁଥିବା ଏହି ଜାହାଜ ଉପରେ ଆକ୍ରମଣ ହୋଇଥିଲା । ବିଶ୍ୱର ପ୍ରାୟ ଏକ ପଞ୍ଚମାଂଶ ଶକ୍ତି ଯୋଗାଣ ଏହି ଜଳପଥ ଦେଇ ସମ୍ଭବ ହୋଇଥାଏ । ଚଳିତବର୍ଷ ପ୍ରାରମ୍ଭରୁ ସଂଘର୍ଷ ବୃଦ୍ଧି ପାଇବା ପରେ ଏହି ପଥରେ ଅନ୍ୟ ୨ଟି ଭାରତୀୟ ପତାକାଧାରୀ ଜାହାଜ ମଧ୍ୟ ଆକ୍ରମଣର ଶିକାର ହୋଇଥିଲା ।

## ସେନସସ ହାଉସିଂ ସେନସସ

୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ଅଧୀନରେ ଗୃହ ତାଲିକା ଏବଂ ଗଣନା ପାଇଁ କ୍ଷେତ୍ରୀୟ କାର୍ଯ୍ୟ ଆରମ୍ଭ ହୋଇଛି । ସେହି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ହେଉଛି ରାଜସ୍ଥାନ, ମେଘାଳୟ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଏବଂ ଦିଲ୍ଲୀ ଏନ୍‌ସିଟି ଅନ୍ତର୍ଗତ ଦିଲ୍ଲୀ ନଗର ନିଗମ ଅଞ୍ଚଳ । ୨୦୨୭ ଜନଗଣନାର ଏକ ଅଂଶସ୍ୱରୂପ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, ବିହାର, ଚଣ୍ଡୀଗଡ, ଛତିଶଗଡ, ଦାଦ୍ରା ଏବଂ ନଗରହାବେଳି ଓ ଦାମନ ଏବଂ ଡିଉ, ହରିୟାଣା, ମଧ୍ୟପ୍ରଦେଶ, ପଞ୍ଜାବ, ତେଲେଙ୍ଗାନା ଏବଂ ଉତ୍ତରାଖଣ୍ଡରେ ଗଣନାକାରୀ ଘରକୁଘର ବୁଲି ଗୃହତାଲିକା ପ୍ରସ୍ତୁତି କରିବା କାର୍ଯ୍ୟ ଜାରି ରହିଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ସଠିକ୍ ଗଣନାକୁ ସୁନିଶ୍ଚିତ କରିବା ପାଇଁ ପାରମ୍ପରିକ ଭାବେ ଘରକୁଘର ଗଣନା ପ୍ରକ୍ରିୟା ସହିତ ପ୍ରଥମଥର ପାଇଁ ଡିଜିଟାଲ

ଉପକରଣର ବ୍ୟବହାର କରାଯାଉଛି । କ୍ଷେତ୍ର ପରିଦର୍ଶନ ସମୟରେ ଘରସ୍ଥିତି, ପରିବାର ବିବରଣୀ, ଉପଲବ୍ଧଥିବା ସୁବିଧା ଏବଂ ସୁଯୋଗ, ପରିବାରର ସମ୍ପତ୍ତି ସମ୍ପର୍କିତ ସୂଚନା ଆଧାରିତ ୩୩ଟି ପ୍ରଶ୍ନ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଉଛି ।

ଗୁଜୁରାଟ, ଜାମ୍ମୁକାଶ୍ମୀର, ଲଦାଖ ଏବଂ ପୁଡୁଚେରୀରେ ଆଜିଠାରୁ ସ୍ୱ-ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

## ବିଶ୍ୱ ଭାବପ୍ରବଣତା ଚାପ ଦିବସ

ଉଚ୍ଚରକ୍ତଚାପର କାରଣ ଏବଂ ଏଥିଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକ ସଂପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱବ୍ୟାପୀ ଭାବପ୍ରବଣତା ଚାପ ଦିବସ ପାଳନ କରାଯାଉଛି । ଭାବପ୍ରବଣତା ଚାପ ସଚେତନତା ମାସ ପାଳନର ଏକ ଅଂଶସ୍ୱରୂପ ଏହି ଦିବସ ପାଳନ କରାଯାଉଛି । ଏହାର ଉଦ୍ଦେଶ୍ୟ ହେଉଛି ଉଚ୍ଚ ରକ୍ତଚାପ ସମ୍ପର୍କରେ ବିଶ୍ୱବ୍ୟାପୀ ସଚେତନତା ବୃଦ୍ଧି କରିବା ପ୍ରତିରୋଧ, ଚିହ୍ନଟ ଏବଂ ବ୍ୟକ୍ତିଗତ, ସମ୍ପ୍ରଦାୟିକ ଏବଂ ସ୍ୱାସ୍ଥ୍ୟ ପ୍ରଣାଳୀ ସ୍ତରରେ କାର୍ଯ୍ୟକୁ ଉତ୍ସାହିତ କରିବା । ଚଳିତବର୍ଷ ବିଷୟବସ୍ତୁ ରହିଛି 'ମିଳିମିଶି ଭାବପ୍ରବଣତା ଚାପକୁ ନିୟନ୍ତ୍ରଣ କରି ରଖିବା- ନିୟମିତ ରକ୍ତଚାପ ଯାଞ୍ଚ କରିବା, ନୀରବ ଘାତକକୁ ପ୍ରତିହତ କରିବା' । ଭାବପ୍ରବଣତା ଚାପ ବିଶ୍ୱସ୍ତରରେ ଅକାଳ ମୃତ୍ୟୁର

ପ୍ରମୁଖ ପ୍ରତିରୋଧଯୋଗ୍ୟ କାରଣ ହୋଇଛି । ବିଶ୍ୱରେ ପ୍ରାୟ ୧୪୦ କୋଟି ଲୋକ ଭାବପ୍ରବଣତା ଚାପ ଜନିତ ଉଚ୍ଚରକ୍ତଚାପ ରୋଗରେ ପୀଡିତ ଅଛନ୍ତି । ପ୍ରଭାବଶାଳୀ ଏବଂ ସୁଲଭ ଚିକିତ୍ସା ଉପଲବ୍ଧ ସତ୍ତ୍ୱେ ଅନେକ ଲୋକ ଏ ସମ୍ପର୍କରେ ସଚେତନ ନାହାଁନ୍ତି । ଫଳରେ ଉଚ୍ଚ ରକ୍ତଚାପ ଜନିତ କାରଣରୁ ପ୍ରତି ୪ ଜଣଙ୍କ ମଧ୍ୟରେ ଜଣଙ୍କର ରକ୍ତଚାପଜନିତ ରୋଗକୁ ନିୟନ୍ତ୍ରଣ କରାଯାଇ ପାରୁଛି ।

## ୱାର୍ଲ୍ଡ ଟେଲିକମ ଡେ

ବିଶ୍ୱ ଦୂରସଞ୍ଚାର ଏବଂ ସାମାଜିକ ସୂଚନା ଦିବସ ଆଜି ପାଳନ କରାଯାଉଛି । ୧୮୬୫ ମସିହାରେ ମିଳିତ ଜାତିସଂଘର ଡିଜିଟାଲ ପ୍ରଯୁକ୍ତିବିଦ୍ୟା ସଂସ୍ଥା ଭାବେ ପ୍ୟାରିସ୍‌ଠାରେ ଆନ୍ତର୍ଜାତିକ ଦୂରସଞ୍ଚାର ସଂଘ ପ୍ରତିଷ୍ଠା କରାଯାଇଥିଲା । ଏହାକୁ ସ୍ମରଣ କରି ପ୍ରତିବର୍ଷ ମେ ମାସ ୧୭ ତାରିଖକୁ ବିଶ୍ୱ ଦୂରସଞ୍ଚାର ଏବଂ ସାମାଜିକ ସୂଚନା ଦିବସ ଭାବେ ପାଳନ କରାଯାଇ ଆସୁଛି । ଇଣ୍ଟରନେଟ୍ ଏବଂ ଅନ୍ୟାନ୍ୟ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ମାଧ୍ୟମରେ ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ନେଇ ସଚେତନତା ବୃଦ୍ଧି ହେଉଛି ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ । ଚଳିତବର୍ଷର ବିଷୟବସ୍ତୁ ରହିଛି

‘ପ୍ରଯୁକ୍ତିବିଦ୍ୟା ଜୀବନରେଖା: ସଂଗଠିତ ବିଶ୍ୱ ପାଇଁ ନିରନ୍ତରତାକୁ ସୁଦୃଢ଼ କରିବା’ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୧ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ତାଙ୍କର ମାସିକ ରେଡିଓ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୩୪ତମ ସଂସ୍କରଣ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ଲୋକମାନେ ମଧ୍ୟ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଆସନ୍ତା ୨୯ ତାରିଖ ମଧ୍ୟରେ ଦେଇପାରିବେ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ୨ଟି ମ୍ୟାଚ୍ ଖେଳାଯିବ । ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ପଞ୍ଜାବ କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ

ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଦ୍ୱିତୀୟ ମ୍ୟାଚ୍ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମ୍‌ରେ ରାଜସ୍ଥାନ ରୟାଲ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ହେବ ।

ଗତକାଲି କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୨୯ ରନ୍‌ରେ ଗୁଜୁରାଟ ଟାଇଟନ୍ସକୁ ପରାସ୍ତ କରିଥିଲା ।

## ଥାଇଲାଣ୍ଡ ଓପନ

ଥାଇଲାଣ୍ଡ ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ମିଳିତ ପୁରୁଷ ବର୍ଗରେ ବିଶ୍ୱର ଚତୁର୍ଥ ମାନ୍ୟତାପ୍ରାପ୍ତ ଭାରତୀୟ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ ସେଟୀ ପରାସ୍ତ ହୋଇଛନ୍ତି । ବ୍ୟାଙ୍କକ୍‌ଠାରେ ଖେଳାଯାଇଥିବା ମିଳିତ ପୁରୁଷ ବର୍ଗର ଫାଇନାଲ ମ୍ୟାଚ୍‌ରେ ଏହି ଯୋଡ଼ି ଇଣ୍ଡୋନେସିଆର ଲିଓ ରୋଲି କର୍ଣ୍ଣାଡୋ ଏବଂ ଡାନିଏଲ ମାର୍ଥିନଙ୍କ ଯୋଡ଼ିଠାରୁ ୧୨-୨୧ ଏବଂ ୨୩-୨୫ ସେଟ୍‌ରେ ପରାସ୍ତ ହୋଇଛନ୍ତି ।

## ଆଇଏମ୍‌ଡି

ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ପଶ୍ଚିମବଙ୍ଗର ଉପ ହିମାଳୟ ଅଞ୍ଚଳ ଏବଂ ସିକ୍କିମରେ ଆଜି ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଅରୁଣାଚଳ

ପ୍ରଦେଶ, ଆସାମ, ମେଘାଳୟ, କର୍ଣ୍ଣାଟକର ଦକ୍ଷିଣ ଆଭ୍ୟନ୍ତରୀଣ ଅଞ୍ଚଳ, ତାମିଲନାଡୁ, ପୁଡୁଚେରୀ, କରେଇକାଲ, କେରଳମ, ମାହେ ଏବଂ ଲାକ୍ଷାଦ୍ୱୀପରେ ମଧ୍ଯ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଓଡ଼ିଶା ସମେତ ଅନ୍ୟକେତେକ ଅଞ୍ଚଳରେ ଧୂଳିଝଡ଼ ଏବଂ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି ।

ଆରବସାଗର, ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କେତେକ ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ପ୍ରବେଶ କରିଥିବା ପାଣିପାଗ ବିଭାଗ ସୂଚନା ଦେଇଛି । ଆସନ୍ତା ୨୬ ତାରିଖକୁ ମୌସୁମୀ କେରଳମ ସ୍ପର୍ଶ କରିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।